- କାଟଛାଟର ୬ ମାସ ପରେ ଜୁନ-ଜୁଲାଇ ମାସରେ ବରକୋଳି ଗଛରେ ଲାଖକୀଟ ଛଡ଼ାଯାଇଥାଏ ।
- ଜାନୁଆରୀରୁ ମାର୍ଚ୍ଚମାସ ମଧ୍ୟରେ ଯେବେ ମଞ୍ଜିଲାଖ ତିଆରି ହୋଇଥାଏ, ସେ ମଧ୍ୟରେ ଫସଲ ଅମଳ କରାଯାଇଥାଏ ଏବଂ ଶିଶୁ କୀଟ ବାହାରିବା ଆରମ୍ଭ କରେ. ସେ ସମୟରେ ଅମଳ କରିବା ଦରକାର ।
- କଟାରୁ ମିଳିଥିବା ମଞ୍ଜିଲାଖ କୁସୁମ ଗଛରେ ଲଗାଇଲେ ଭଲ । ଆବଶ୍ୟକତାଠାରୁ ଅଧିକ ହେଲେ ବଜାରରେ ମଧ୍ୟ ବିକ୍ରି କରାଯାଇଥାଏ ।

**ବରକୋଳି ଗଛରେ କୁସୁମୀ ଲାଖଚାଷର ଲାଭ**

- ରଙ୍ଗିଣୀ ଲାଖଠାରୁ ତୁଳନାରେ ଅଧିକ ଲାଭ ମିଳିଥାଏ ।
- କୁସୁମ ବୃକ୍ଷ ସହିତ ସମନ୍ୱୟ ଭଲ ହୋଇଥାଏ ।
- କୁସୁମ ବୃକ୍ଷରେ ଶୀତକାଳୀନ ଫସଲ ସାମାନ୍ୟ କମ୍ ହୋଇଥାଏ, ଯାହାଦ୍ୱାରା ପର ଫସଲ ଲଗାଇବା ମଞ୍ଜିଲାଖ କମ୍ ହୋଇଥାଏ । ଏଣୁ ଏହି ଫସଲ ପାଇଁ ବରକୋଳି ଗଛ ଉପଯୁକ୍ତ ଅଟେ ।
- କୁସୁମ ଗଛରେ ଫସଲ ଅମଳ ପରେ ପୁଣି ସଞ୍ଚାରଣ/ନିବେଶନ ପାଇଁ ୧.୫ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ, ଯାହାକି ବରକୋଳି ଗଛରେ ୬ ମାସ ପରେ ନିବେଶନ ପାଇଁ ତିଆରି ହୋଇଯାଇଥାଏ ।
- ବରକୋଳି ଗଛରେ ଉପଯୋଗ କୁସୁମୀ ଲାଖ ମଞ୍ଜିଲାଖ ଉତ୍ପାଦନ ପାଇଁ କରାଯାଇଥାଏ ଏବଂ ରଙ୍ଗିଣୀ ଲାଖ କରିବା ସମୟରେ ଏହା କଞ୍ଚାଲାଖ ପାଇଁ ବ୍ୟବହାର କରାଯାଇଥାଏ ।

**ଉତ୍ପାଦକତା :-**

ଗୋଟିଏ ଗଛରେ ୨-୩ କିଗ୍ରା ମଞ୍ଜିଲାଖ ଛଡ଼ା ଗଲେ ସାମାନ୍ୟ ପରିସ୍ଥିତିରେ ୬ ମାସପରେ ୧୫-୨୦ କିଗ୍ରା

**ଉପକାରିତା :-**

- ଏହି ଚାଷ ପାଇଁ ପାଣି, ସାର ଆବଶ୍ୟକ ପଡ଼େନାହିଁ ।
- କୌଣସି ଅଞ୍ଚଳ ଏବଂ ହୀନସ୍ଥାନ ପାଇଁ ଏହା ବେଶ ଉପଯୋଗୀ ।
- କୌଣସି ଶସ୍ୟ ଜାତୀୟ ଏବଂ ଫଳ ପନିପରିବା ଚାଷ ସହିତ ଏହାର ପ୍ରତିଯୋଗିତା ନାହିଁ ।
- ଏହା ସବୁ ଋତୁରେ ବିନା ଦ୍ୱିଧାରେ ହୋଇପାରେ ।



# ବରକୋଳି ଗଛରେ ଲାଖ ଚାଷ




**ଲେଖକ**

**ଶ୍ରୀ ଜ୍ଞାନରଞ୍ଜନ ସାହୁ**

ବୈଜ୍ଞାନିକ (ବନ ବିଜ୍ଞାନ)

**ଡଃ. ବିନୀତା ଶତ୍ପଥୀ**

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ**

ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

ଆମେ ସମସ୍ତେ ଜାଣିଛୁ ଯେ ବରକୋଳି ଗଛ ଫଳ ପାଇଁ ପ୍ରସିଦ୍ଧ । କିନ୍ତୁ ଅନ୍ୟକୋଣରୁ ଯଦି ଦେଖାଯାଏ, ଏହା ଲାଖ ଚାଷ ପାଇଁ ମଧ ଉପଯୋଗୀ । ବିଶେଷ କଥା ହେଉଛି କି, ଏହି



ଗଛରେ ସବୁ ପ୍ରକାର ଲାଖ କୀଟ ପାଳନ କରାଯାଇଥାଏ, ଯାହାକି ବର୍ଷରେ ଦୁଇଥର ଅଥବା ତିନି ଫସଲ ବିଶିଷ୍ଟ ଲାଖ କରାଯାଇଥାଏ । ଦୁଇ ଫସଲ ଲାଖ ଭିତରେ ରଙ୍ଗିଣୀ ଏବଂ କୁସୁମୀ ଲାଖ ଉତ୍ପାଦନ ଏହି ଗଛରେ ହୋଇଥାଏ, ଅଥବା କୁସୁମୀ ଗଛରେ କୁସୁମୀ ଲାଖ ଏବଂ ପଳାସ ଗଛରେ ରଙ୍ଗିଣୀ ଲାଖ ହିଁ ଉତ୍ପାଦନ କରାଯାଇଥାଏ ।

## ଦୁଇ ଫସଲ ରଙ୍ଗିଣୀ ଲାଖ ଚାଷ



ରଙ୍ଗିଣୀ ଲାଖରେ ବର୍ଷକୁ ଦୁଇ ଫସଲ, ବୈଶାଖୀ (ଗ୍ରୀଷ୍ମକାଳୀନ) ଏବଂ କେତକୀ (ଶୀତକାଳୀନ) ନିଆଯାଇଥାଏ, ଯେଉଁଥିପାଇଁ କ୍ରମଶଃ ଅକ୍ଟୋବର ଏବଂ କେତକୀ ପାଇଁ ଜୁଲାଇ ମାସରେ କୀଟ ସଞ୍ଚାଳନ କରାଯାଇଥାଏ, ଯାହାକି ଆଠ ଏବଂ ଚାରି ମାସପରେ ଜୁଲାଇ ଏବଂ ଅକ୍ଟୋବରରେ ତିଆରି ହୋଇଯାଇଥାଏ ।

## ବୈଶାଖୀ ଅରି (କଞ୍ଚା) ଫସଲର ଉତ୍ପାଦନ

ଏହି ପଦ୍ଧତି ଗରମ ଯାଗାରେ ପ୍ରୟୋଗ କରାଯାଇଥାଏ । ଏହି ଅନୁସାରେ ବରକୋଳିର ଉପଯୋଗ ପଳାସ ଗଛ ସହିତ ସମ୍ମିଳିତ ରୂପରେ କରାଯାଇଥାଏ । ଖରା ଦିନରେ, ମଇ ମାସ ଏବଂ ଜୁନ୍ ମାସରେ ତାପମାତ୍ରା ଅଧିକ, ତେଣୁ ବରକୋଳି ଗଛରେ ପତ୍ର ଅଭାବ ଯୋଗୁଁ ଲାଖ କୀଟ ମରିଯାଆନ୍ତି, ଏଣୁ ଏହି ବୃକ୍ଷରୁ କଞ୍ଚା ଫସଲ ହିଁ କଟାଯାଇଥାଏ, ତଥା ଆଗାମୀ ଫସଲ ପାଇଁ ମଞ୍ଜି ଲାଖ, ପଳାସ ବା ଅନ୍ୟ ଗଛ ଯାହା ପୋଢ଼ୋ, ପୁଟକଲ, ବରଗଛ ଇତ୍ୟାଦି ଗଛରୁ ନିଆଯାଇଥାଏ ।

**ପଦକ୍ଷେପ :**

- ଗଛର ଚାରିପଟେ ସଫା କରିବା ଦରକାର ଏବଂ କୀଟନାଶକ ଔଷଧ ଯଥା ଫିପ୍ରୋନିଲ ୧୫ମିଲି ୧୫ ଲିଟର ପାଣି ଏବଂ କାର୍ବେଣ୍ଡାଜିମ ୩ ଗ୍ରାମ ମିଶାଇ ଦ୍ରବଣ ପ୍ରସ୍ତୁତ କରି ପତ୍ରକୀଟ ପାଇଁ ସିଞ୍ଚନ କରିବା ଆବଶ୍ୟକ ।
- ପଳାସ ଗଛରେ ବୈଶାଖୀ ଫସଲ ପାଇଁ ପ୍ରଥମ ସିଞ୍ଚନ, ଲାଖ କୀଟ ଏକ ମାସରେ ତଥା ଦ୍ୱିତୀୟ ସିଞ୍ଚନ ଜାନୁଆରୀ ମାସ ଶେଷ ଅଥବା ଫେବୃଆରୀ ପ୍ରଥମ ସପ୍ତାହରେ ପୁରୁଷ ବୟସ୍କ କୀଟ ନ ବାହାରିବା ପୂର୍ବରୁ ସିଞ୍ଚନ କରିବା ଦରକାର । କେତକୀ ଫସଲରେ ଗୋଟିଏ ସିଞ୍ଚନ, କୀଟ ବାହାରିବାର ଏକ ମାସ ପରେ କରିବା ଆବଶ୍ୟକ । ସିଞ୍ଚନ ଲାଖ ଲାଗିଥିବା ଡ଼ାଳରେ ହିଁ କରାଯାଇଥାଏ ।

## ଉତ୍ପାଦକତା

ବଡ଼ ଆକାର ଗଛରେ ୨ କିଗ୍ରା ପ୍ରତି ମଞ୍ଜିଲାଖ ସଞ୍ଚାଳନ କରି ସାମାନ୍ୟ ପରିସ୍ଥିତିରେ ୬-୮ କିଗ୍ରା ଲାଖର ଅମଳ ପ୍ରତି ବର୍ଷ କରାଯାଇଥାଏ ।



## ଦୁଇ ଫସଲ କୁସୁମୀ ଲାଖ ଚାଷ

**ବରକୋଳି ଗଛ ସହିତ ଅନ୍ୟ (କୁସୁମ ଏବଂ ଗଲଓ୍ୱାଙ୍ଗ) ପୋଷକ ଗଛ ସମନ୍ୱୟ :-**



କୁସୁମୀ ଲାଖର ମଧ୍ୟ ବର୍ଷକୁ ଦୁଇ ଫସଲ ଯଥା ଅଘନୀ (ଶୀତକାଳୀନ) ଏବଂ ଜେଠୱି (ଗ୍ରୀଷ୍ମକାଳୀନ) ପ୍ରତ୍ୟେକ ୬ ମାସକୁ, କ୍ରମଶଃ : ଜୁଲାଇ-ଅଗଷ୍ଟ ଏବଂ ଜାନୁଆରୀ-ଫେବୃଆରୀରେ କରାଯାଇଥାଏ । କୁସୁମୀ ଲାଖ ଉତ୍ପାଦନ ବରକୋଳି ଗଛରେ ସହଜରେ ହୋଇଥାଏ, କିନ୍ତୁ ଗରମ ଦିନରେ ପତ୍ର ଅଭାବ ଯୋଗୁଁ ଜେଠୱି ଫସଲ ଅଧିକ ତାପମାତ୍ରା ସହିପାରେ ନାହିଁ ଏବଂ ମରିବାର ସମ୍ଭାବନା ଅଧିକ ଥାଏ । ଏଣୁ ଏହି କ୍ଷେତ୍ରରେ ଅନ୍ୟ ପ୍ରକାରର କୁସୁମୀ ପୋଷକ ବୃକ୍ଷ ଯଥା କୁସୁମ ଏବଂ ଗଲଓ୍ୱାଙ୍ଗ ଇତ୍ୟାଦିର ଆବଶ୍ୟକତା ହୋଇଥାଏ ।

ଏଥିପାଇଁ ନିମ୍ନଲିଖିତ ପଦ୍ଧତି ଆପଣାଯାଏ ।

- କୁଳ କୁସୁମ ବୃକ୍ଷର ଦୁଇଖଣ୍ଡ (ପ୍ରତ୍ୟେକ ସାଙ୍ଗରେ ବୃକ୍ଷର ସଂଖ୍ୟା ସମାନ) ତଥା ବରକୋଳିର ଏକ ଖଣ୍ଡ ବନାଯାଇଥାଏ ।
- କୁସୁମ ବୃକ୍ଷର ଉପଯୋଗ ଗ୍ରୀଷ୍ମକାଳୀନ ଫସଲ (ଜେଠୱି) ଦ୍ୱାରା ଏକ ବର୍ଷ ଅନ୍ତରରେ ତଥା ବରକୋଳିର ପ୍ରତିବର୍ଷ ଶୀତକାଳୀନ ଫସଲ (ଅଘନୀ) ପାଇଁ କରାଯାଇଥାଏ ।
- ସର୍ବପ୍ରଥମେ ବରକୋଳି ଗଛକୁ କାଟଛାଟ ଜାନୁଆରୀ ଏବଂ ଫେବୃଆରୀ ମାସରେ କରାଯାଇଥାଏ, ତା'ପରେ ଫସଲ କଟାଦ୍ୱାରା ବୃକ୍ଷର କାଟଛାଟ ହୋଇଯାଇଥାଏ ।